# NATIONAL NEWS BULLETIN (ODIA)
## 26 September - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପରିବେଶ ଉପରେ ଖଣି ଖନନର ପ୍ରଭାବକୁ ଭୂ-ବୈଜ୍ଞାନିକମାନଙ୍କ ଦ୍ୱାରା ସମାଧାନ କରାଯିବାର ଆବଶ୍ୟକତା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ ।
- ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ।

– ଏକ ହଜାର ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ତିନୋଟି ରେଳ ପ୍ରକଳ୍ପର କରିବେ ଶିଳାନ୍ୟାସ ।

- ନୂଆଦିଲ୍ଲୀରେ ଚାଲିଥିବା ବିଶ୍ୱ ଖାଦ୍ୟ ଭାରତ ସମ୍ମିଳନୀ ଅବସରରେ ଏକ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ବୁଝାମଣାପତ୍ର ସ୍ୱାକ୍ଷରିତ ।
- ପ୍ରଧାନମନ୍ତ୍ରୀ ଓ ରୁଷ ରାଷ୍ଟ୍ରପତିଙ୍କ ମଧ୍ୟରେ କଥିତ ଫୋନ୍ ବାର୍ତ୍ତାଳାପ ସଂକ୍ରାନ୍ତ ନାଟୋ ମହାସଚିବ ମାର୍କ ରୁଟେଙ୍କ ବିବୃତ୍ତିକୁ ଖଣ୍ଡନ କଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ।

ଏବଂ

- ଏସିଆକପ୍ କ୍ରିକେଟ୍ ପ୍ରତିଯୋଗିତାରେ ସୁପର୍ ଫୋର୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଆଜି ଶ୍ରୀଲଙ୍କାକୁ ଭେଟିବ ଭାରତ ।

## ପ୍ରେଜ୍ - ଜିଓ ସାଇନ୍ସ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ୨୦୨୪ ବର୍ଷ ନିମନ୍ତେ ସମ୍ମାନଜନକ ଭୂ-ବିଜ୍ଞାନ ପୁରସ୍କାର ପ୍ରଦାନ କରିଛନ୍ତି । ଦେଶର ସର୍ବପୁରାତନ ଏବଂ ପ୍ରତିଷ୍ଠିତ ସମ୍ମାନ ମଧ୍ୟରୁ ଅନ୍ୟତମ ଏହି ପୁରସ୍କାର ବିଜେତାମାନଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇ କହିଛନ୍ତି ଭୂ-ବିଜ୍ଞାନ କ୍ଷେତ୍ରରେ ସେମାନଙ୍କ ପ୍ରତିବଦ୍ଧତା, ନବସୃଜନ ଏବଂ ଉତ୍କର୍ଷତାକୁ ସମ୍ମାନ ଜଣାଇବା ଲାଗି ଏହି ପୁରସ୍କାର ପ୍ରଦାନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଖଣିଜ ପଦାର୍ଥ ମାନବ ସଭ୍ୟତାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରାଷ୍ଟ୍ରପତି କହିଛନ୍ତି, କୋଇଲା ଏବଂ ଲୁହା ବିନା ଶିଳ୍ପାୟନର କଳ୍ପନା କରାଯାଇପାରିବ ନାହିଁ ।

ଭୂ-ବୈଜ୍ଞାନିକମାନଙ୍କ ଭୂମିକା କେବଳ ଖଣି କାର୍ଯ୍ୟରେ ସୀମିତ ନୁହେଁ ବରଂ ଭୂ-ପରିବେଶିକ ସ୍ଥାୟୀତ୍ୱ ଉପରେ ଖଣିର ପ୍ରଭାବକୁ ମଧ୍ୟ ସେମାନଙ୍କ ଦ୍ୱାରା ସମାଧାନ କରାଯିବା ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି **।V/O**

ଖଣି ଶିଳ୍ପରେ ଏ.ଆଇ., ମେସିନ୍ ଲର୍ଣ୍ଣିଂ ଏବଂ ଡ୍ରୋନ୍ ଆଧାରିତ ସର୍ଭେକୁ ରାଷ୍ଟ୍ରପତି ପ୍ରଶଂସା କରିବା ସହ ଖଣି ଟେଲିଂରୁ ମୂଲ୍ୟବାନ ଉପାଦାନ ଗୁଡ଼ିକର ପୁନରୁଦ୍ଧାର ପାଇଁ ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ମଧ୍ୟ ସେ ପ୍ରଶଂସା କରିଥିଲେ । ରାଷ୍ଟ୍ରପତି କହିଛନ୍ତି, ଖଣି ଅର୍ଥନୈତିକ ବିକାଶ ପାଇଁ ସମ୍ବଳ ଯୋଗାଇଥାଏ ଏବଂ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ । ତେବେ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ଖଣି ପ୍ରକ୍ରିୟା ସମୟରେ ସମସ୍ତ ନିୟମାବଳୀ କଡ଼ାକଡ଼ି ପାଳନ କରାଯିବାର ଆବଶ୍ୟକତା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଗସ୍ତ - ପ୍ରସ୍ତୁତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାଠାରେ ୧ ହଜାର ୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୩ଟି ପ୍ରମୁଖ ରେଳପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ସମ୍ବଲପୁର ସିଟି ଏବଂ ସରଳା ମଧ୍ୟରେ ରେଳ ଫ୍ଲାଏଓଭର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ବ୍ରହ୍ମପୁର ଏବଂ ସୁରଟର ଉଧନା ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ। ଏହାସହ କୋରାପୁଟ ବାଇଗୁଡ଼ା ରେଳଲାଇନ୍ ଓ ମାନାବାର-କୋରାପୁଟ-ଗୋରାପୁର ରେଳଲାଇନ୍‌ର ଦୋହରୀକରଣର ଲୋକାର୍ପଣ କରିବେ। ଏହି ଅବସରରେ ଶ୍ରୀମୋଦୀ ସେବା ପର୍ବର ଅଂଶବିଶେଷ ଭାବେ ଦେଶର ୮ଟି

ଆଇଆଇଟିର ସଂପ୍ରସାରଣ ନେଇ ଘୋଷଣା କରିବା ସହ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ତଥା ସମ୍ବଲପୁରସ୍ଥିତ ଭୀମ୍‌ସାର ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସୁପର ସ୍ପେଶାଲିଟି ସ୍ତରକୁ ଉନ୍ନୀତ କରିବା ପାଇଁ ଘୋଷଣା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ସହାୟତା ବର୍ଣ୍ଣନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଏସ୍‌ଏନ୍‌ଏଲ୍ ଫୋର-ଜି ସେବାର ମଧ୍ଯ ଶୁଭାରମ୍ଭ କରିବେ।

## ପାଶୱାନ୍-ୱାର୍ଲ୍ଡ ଫୁଡ୍ ଇଣ୍ଡିଆ

ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାଶୱାନ୍ କହିଛନ୍ତି, ନୂଆଦିଲ୍ଲୀରେ ବିଶ୍ୱ ଖାଦ୍ୟ ଭାରତ ସମ୍ମିଳନୀ ସମୟରେ ଏକ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସେ କହିଛନ୍ତି, ଏହାଦ୍ୱାରା ସାରା ଦେଶରେ ୯ ଲକ୍ଷ ନିଯୁକ୍ତି ସୁଯୋଗା ସୃଷ୍ଟି ହେବ । ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଶ୍ରୀ ପାଶୱାନ୍ କହିଛନ୍ତି, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଅପାର ଅଭିବୃଦ୍ଧିର ସମ୍ଭାବନା ରହିଛି ଏବଂ ଏହି ସମ୍ମିଳନୀରେ ପ୍ରକ୍ରିୟାକରଣ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ ଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଛି । ବିଶ୍ୱ ଖାଦ୍ୟ ଭାରତ ସମ୍ମିଳନୀ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଦେଶର ଶକ୍ତି, ଖାଦ୍ୟ ସ୍ଥାୟୀତ୍ୱ

ଏବଂ ପୁଷ୍ଟିକର ଓ ଜୈବିକ ଖାଦ୍ୟ ଉତ୍ପାଦନ ପ୍ରଦର୍ଶନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତକାଲି ଉଦ୍‌ଘାଟିତ ହୋଇଥିବା ଏହି ଚାରି ଦିନିଆ କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି "ସମୃଦ୍ଧି ପାଇଁ ପ୍ରକ୍ରିୟାକରଣ" ।

## ସେବାପର୍ବ-ଆଚିଭ୍‌ମେଣ୍ଟ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଭାରତର ମହାକାଶ କ୍ଷେତ୍ରକୁ ନୂତନ ଶିଖରରେ ପହଞ୍ଚାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱ ବ୍ରହ୍ମାଣ୍ଡ ସହିତ ଭାରତର ପ୍ରୟାସ ଏକ ଯୁଗାନ୍ତକାରୀ ସଫଳତାର କାହାଣୀରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ଜାତୀୟ ମହାକାଶ ଦିବସ ଅବସରରେ କହିଥିଲେ, ମହାକାଶ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ମାଇଲ୍‌ଖୁଣ୍ଟ ହାସଲ କରିବା ଏବେ ଆମ ବୈଜ୍ଞାନିକମାନଙ୍କର ସ୍ୱଭାବରେ ପରିଣତ ହୋଇଛି ବୋଲି ପ୍ରଧଶନମନ୍ତ୍ରୀ କହିଛନ୍ତି ।

**V/O**

ସେମିକ୍ରାୟୋଜେନିକ୍ ଇଞ୍ଜିନ୍ ଏବଂ ବୈଦ୍ୟୁତିକ ପ୍ରପଲସନ୍ ଭଳି ଅତ୍ୟାବଶ୍ୟକ ମହାକାଶ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଅଗ୍ରଗତି ହୋଇଛି । ଜାନୁଆରୀରେ ଭାରତ ମହାକାଶରେ ଡକିଂ ଏବଂ ଅନ୍-ଡକିଂ କରିବାର କ୍ଷମତା ସହିତ ଚତୁର୍ଥ ଦେଶ ପାଲଟିଛି । ଗ୍ରୁପ୍ କ୍ୟାପ୍ଟେନ୍ ସୁଭାଂଶୁ ଶୁକ୍ଳାଙ୍କ ମହାକାଶକୁ ସଫଳ ଯାତ୍ରା ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣର ଗଗନଯାନର ସଫଳତା ପାଇଁ ପ୍ରଥମ ପଦକ୍ଷେପ । ୨୦୩୫ ସୁଦ୍ଧା ଏକ ଭାରତୀୟ ମହାକାଶ କେନ୍ଦ୍ରର ସ୍ଥାପନାର ମଧ୍ୟ ଯୋଜନା କରାଯାଇଛି । ଏହି ସଫଳତା ମୋଦୀ ସରକାରଙ୍କ ନୀତିଗତ ହସ୍ତକ୍ଷେପର ଫଳାଫଳ । ମହାକାଶ ପ୍ରଯୁକ୍ତି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏଥିରେ ଘରୋଇ କ୍ଷେତ୍ରକୁ ମଧ୍ୟ ସାମିଲ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି,

**V/O**

ଉପଗ୍ରହ ଆଧାରିତ କୃଷି ସହାୟତା, ମତ୍ସ୍ୟଜୀବୀ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ଭିତ୍ତିଭୂମି ଯୋଜନାରେ ଭୂ-ସ୍ଥାନୀକ ତଥ୍ୟ ମାଧ୍ୟମରେ ମହାକାଶ ପ୍ରଯୁକ୍ତି 'ଜୀବନର ସହଜତା'କୁ ଉନ୍ନତ କରୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଏହାର ମହାକାଶ ମହତ୍ୱାକାଂକ୍ଷାକୁ ପୁନଃ ପରିଭାଷୀତ କରିଛି । ଜାତୀୟ ପ୍ରଗତି ସହିତ ପ୍ରଯୁକ୍ତି ସୀମାକୁ ମିଶ୍ରଣ କରିଛି ।

**Seba Parba Closing**

## ଶିବରାଜ-ପିଏମ୍ କିଶାନ୍

କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ଯୋଜନାର ଏକବିଂଶତମ କିସ୍ତି ପ୍ରଦାନ କରିଛନ୍ତି । ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଚୌହାନ କହିଛନ୍ତି, ପ୍ରାୟ ୨ ଲକ୍ଷ ୭୦ ହଜାର ମହିଳା ଚାଷୀଙ୍କ ସମେତ ୨୭ ଲକ୍ଷ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟଙ୍କୁ ୫୪୦ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଛି । ଏହି କିସ୍ତି ବନ୍ୟା ଏବଂ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହିମାଚଳ ପ୍ରଦେଶ, ପଞ୍ଜାବ ଏବଂ ଉତ୍ତରାଖଣ୍ଡର ଚାଷୀଙ୍କ ପାଇଁ ଦିଆଯାଇଛି । ଏହି କିସ୍ତି ଚାଷୀମାନଙ୍କୁ ସାମ୍ପ୍ରତିକ ବିପର୍ଯ୍ୟୟରୁ ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବା ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ଏମ୍‌ଇଏ-ବ୍ରିଫିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ମଧ୍ୟରେ କଥିତ ଫୋନ୍ ବାର୍ତ୍ତାଳାପ ସମ୍ପର୍କରେ ନାଟୋ ମହାସଚିବ ମାର୍କ ରୁଟେଙ୍କ ବିବୃତ୍ତିକୁ ଭାରତ ଖଣ୍ଡନ କରିବା ସହ ଏହା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଭିତ୍ତିହୀନ ବୋଲି କହିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଏପରି କୌଣସି କଥାବାର୍ତ୍ତା ହୋଇନାହିଁ, ଭାରତ ଆଶା କରେ ନାଟୋ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏହାର ସାର୍ବଜନୀନ ବିବୃତ୍ତିରେ ଅଧିକ

ଦାୟିତ୍ୱବାନ ଏବଂ ସଠିକତା ପ୍ରଦର୍ଶନ କରିବ । ଆମେରିକାରେ ବେଆଇନ୍ ଭାବେ ବସବାସ କରୁଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯିବା ପ୍ରସଙ୍ଗରେ ଜୟସ୍ୱାଲ କହିଛନ୍ତି, ଚଳିତ ବର୍ଷ ଜାନୁଆରୀ ୨୦ରୁ ୨୫ ସେପ୍ଟେମ୍ବର ମଧ୍ୟରେ ମୋଟ୍ ୨ ହଜାର ୪୧୭ ଭାରତୀୟ ନାଗରୀକଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି । ସେ କହିଛନ୍ତି, ବର୍ତ୍ତମାନ ୨୭ ଜଣ ଭାରତୀୟ ନାଗରୀକକ ରୁଷ ସେନାରେ କାର୍ଯ୍ୟ କରୁଛନ୍ତି । ଶ୍ରୀ ଜୟସ୍ୱାଲ ସମସ୍ତ ଭାରତୀୟ ନାଗରୀକଙ୍କୁ ରୁଷ ସେନାରେ ସେବା କରିବାର ପ୍ରସ୍ତାବରୁ ଦୂରେଇ ରହିବାକୁ ଅନୁରୋଧ କରିବା ସହ ଚେତାବନୀ ଦେଇ କହିଛନ୍ତି, ଏପରି ପ୍ରସ୍ତାବ ବିପଦପୂର୍ଣ୍ଣ ଏବଂ ଜୀବନପ୍ରତି ବିପଦ୍‌ଜନକ ।

## ଅମିତ ଶାହା କୋଲକାତା

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗରେ ପରିବର୍ତ୍ତନର ଆହ୍ୱାନ ଦେଇଛନ୍ତି । କୋଲକାତାର ସନ୍ତୋଷ ମିତ୍ର ସ୍କୋୟାର୍‌ରେ ଏକ ଦୁର୍ଗାପୂଜା ମଣ୍ଡପରେ ଅଭିଭାଷଣ ରଖି ସେ ପଶ୍ଚିମବଙ୍ଗର ଲୋକମାନଙ୍କୁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ରାଜ୍ୟ ଗଠନ କରିବାକୁ ଅନୁରୋଧ କରିଥିଲେ ।

# ଜୁନିୟର୍ ୱାର୍ଲ୍ଡକପ୍ ସୁଟିଂ

ଆଜି ନୂଆଦିଲ୍ଲୀର ଡକ୍ଟର କରଣି ସିଂହ ସୁଟିଂ ରେଞ୍ଜରେ ଅନୁଷ୍ଠିତ ଆଇ.ଏସ୍.ଏସ୍.ଏଫ୍. କନିଷ୍ଠ ବିଶ୍ୱକପ୍ ସୁଟିଂ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଭାରତର ୧୬ ବର୍ଷୀୟ ଜୋନାଥନ୍ ଗାଭିନ୍ ଆଣ୍ଟୋନି ପୁରୁଷ ୧୦ ମିଟର ଏୟାର୍ ପିସ୍ତଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଇଟାଲିର ଲୁକ୍କା ଆର୍ଘି ରୌପ୍ୟ ବିଜୟୀ ହୋଇଥିବା ବେଳେ ସ୍ପେନ୍‌ର ଲୁକାସ୍ ସାଞ୍ଚେଜ୍ ଟୋମ୍ କାଂସ୍ୟ ପଦକ ଜିତିଛନ୍ତି ।

ସେହିପରି ମହିଳା ୧୦ ମିଟର ଏୟାର୍ ପିସ୍ତଲରେ ବ୍ୟକ୍ତିଗତ ନିରପେକ୍ଷ ଆଥଲେଟ୍ ଏଭ୍‌ଲିନା ସିଏନା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଭାରତର ରଶ୍ମିକା ସେହେଗଲ ରୌପ୍ୟ ଏବଂ ଇରାନ୍‌ର ଫାତେମାହ ସେକାରୀ  କାଂସ୍ୟ ପଦକ ବିଜୟୀ ହୋଇଛନ୍ତି ।

# ଏସିଆକପ୍ କ୍ରିକେଟ୍

ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ସୁପର୍ ଫୋର୍ ପର୍ଯ୍ୟାୟରେ ଆଜି ଦୁବାଇଠାରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଅନୁଷ୍ଠିତ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ପାକିସ୍ତାନ ୧୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ଆସନ୍ତା ରବିବାର ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ । ଏସିଆ କପ୍‌ରେ ପ୍ରଥମଥର ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲିର ଖେଳରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ୍ ବିନିମୟରେ ୧୩୫ରନ୍‌ର ସ୍କୋର କରିଥିଲା । ଏହାର ଜବାବରେ ବାଂଲାଦେଶ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୨୪ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।